## ସାହିତ୍ୟ ଅକାଦେମୀର 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମ

# ଫାଷ୍ଟଫୁଡ୍ ଭଳି ସାହିତ୍ୟ ସୃଷ୍ଟି ନ ହେଉ : ଜଷ୍ଟିସ୍ ପଶାୟତ

କଟକ, ୧୧।୧୦(ଆ.ପ୍ର.) : ସ୍କୁଲଠାରୁ ଆରମ୍ଭ କରି ବୃତ୍ତିଗତ ଜୀବନରେ ଆମେ ଅନେକ ବହି ପଢୁଛୁ। ବ୍ୟକ୍ତିର ଜୀବନରେ ବହିର ପ୍ରଭାବ ଢେର ରହିଛି। ମଣିଷର ଚିନ୍ତା ଓ ଚେତନାକୁ ବହି ବଦଳାଇ ଦେଇପାରେ। ଯେଉଁ ବହି ପଢ଼ିଲେ ମଣିଷର ବ୍ୟକ୍ତିତ୍ୱ ପରିବର୍ତ୍ତିତ ହୋଇଯିବ ତାହା ପ୍ରତ୍ୟେକ ଜାଣିବା ଦରକାର। ଆମ ଭାଷାରେ ଯେତିକି ବହି ଅଛି ତାକୁ ସମସ୍ତେ ପଢ଼ିବା ଆବଶ୍ୟକ। ଭଲ ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟିକଙ୍କର ମଧ୍ୟ ଦାୟିତ୍ୱ ରହିଛି। ଫାଷ୍ଟଫୁଡ୍ ଭଳି ସାହିତ୍ୟ ସୃଷ୍ଟି ନହେଉ। ଗବେଷଣା ଓ ଅଧ୍ୟୟନ ମାଧ୍ୟମରେ ଉନ୍ନତ ସାହିତ୍ୟ ସୃଷ୍ଟି ହୋଇଥାଏ ବୋଲି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତ ମତବ୍ୟକ୍ତ କରିଛନ୍ତି।

ସାହିତ୍ୟ ଅକାଦେମି ପକ୍ଷରୁ ଶତାବ୍ଦୀ ଭବନଠାରେ ଶୁକ୍ରବାର ଆୟୋଜିତ 'ବ୍ୟକ୍ତି ଓ ବହି' ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜଷ୍ଟିସ ପଶାୟତ କହିଲେ, ସାହିତ୍ୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଗୁରୁତ୍ୱ ବହନ କରେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ନବଯୁଗ ସାହିତ୍ୟ ପତ୍ରିକା




ସାହିତ୍ୟ ଅକାଦେମି ପକ୍ଷରୁ ଆୟୋଜିତ 'ବ୍ୟକ୍ତି ଓ ବହି' ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟ ଅତିଥି ଜଷ୍ଟିସ ଅରିଜିତ ପଶାୟତ

ଲୋକଙ୍କ ମନରେ ଦେଶପ୍ରେମର ବହ୍ନି ଜଳିବା ନିମନ୍ତେ ଉଦ୍ଦିଷ୍ଟ ଥିଲା। ସେକ୍ସପିୟର ଓ ଜୁଲିୟସ ସିଜରଙ୍କ ଭଳି ଲେଖକଙ୍କ ସାହିତ୍ୟ ଜଣେ ବ୍ୟକ୍ତିକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ସକ୍ଷମ। ସେକ୍ସପିୟରଙ୍କ ହାମଲେଟ ପୁସ୍ତକ ୨୧ଟି ଭାଷାରେ ଚଳଚ୍ଚିତ୍ର ହୋଇପାରିଥିଲା। ବହି ଚିନ୍ତାଧାରାର ପ୍ରତୀକ ବୋଲି ଜଷ୍ଟିସ ପଶାୟତ କହିଥିଲେ। ସେହିପରି ଓଡ଼ିଆ ଭାଷାରେ ରାମାୟଣ, ମହାଭାରତ ଆଦର୍ଶ ଗ୍ରନ୍ଥ। ଫତୁରାନନ୍ଦଙ୍କ ନାକଟା ଚିତ୍ରକର ପଢ଼ିଲେ ହସ ଆସିବା ପରେ ଆଖିରେ ଲୁହ ଆସିଯାଏ। କେତେକ ବହି ପଢ଼ିବା ପରେ ମଣିଷକୁ ଏକ ଭିନ୍ନ ସ୍ତରକୁ ନେଇଯାଏ। ବହି ପଢ଼ି ସକାରାତ୍ମକ ବା ନକାରାତ୍ମକ ଚିନ୍ତାଧାରା ନେବେ ତାହା ପାଠକ ଉପରେ ନିର୍ଭର କରେ। ମାତ୍ର ଏବେ ପାଠକଙ୍କ ସଂଖ୍ୟା କମିଯାଉଥିବା କହି ଦୁଃଖ ପ୍ରକାଶ କରିଥିଲେ ଜଷ୍ଟିସ ପଶାୟତ। କୌଣସି ଇଂରାଜୀ ପୁସ୍ତକ କଥା ଉଠିଲେ ଆମ ମନରେ ସ୍ୱତଃ ଭଲ ବହି ହୋଇଥିବ ବୋଲି ଧାରଣା ଆସେ। ତାହା ପ୍ରକୃତ କଥା ନୁହେଁ। ପ୍ରଚାର, ପ୍ରସାର ଅଭାବରୁ ଆମ ବହିଗୁଡ଼ିକ ବିଶ୍ୱ ବଜାରରେ ନିଜର ସ୍ଥିତି ଜାହିର କରିପାରିନାହିଁ। ସାରଳା ମହାଭାରତ, କଣାମାମୁ ଉପନ୍ୟାସ ପଢ଼ି ବହୁତ ଭଲ ଲାଗିଥିଲା ଏବଂ ଫତୁରାନନ୍ଦଙ୍କ ଲେଖା ନିଜସ୍ୱ ଶୈଳୀ ପାଇଁ ଆଦୃତ ଥିଲା। ଅଧିକ ଜ୍ଞାନ ଆହରଣ ପାଇଁ ବହି ପଢ଼ିବାକୁ ଜଷ୍ଟିସ ପଶାୟତ ଉପସ୍ଥିତ ସାହିତ୍ୟିକ ଓ ସାହିତ୍ୟପ୍ରେମୀଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଲେ, ବ୍ୟକ୍ତି ଓ ବହି କାର୍ଯ୍ୟକ୍ରମ ସାହିତ୍ୟ ଅକାଦେମିର ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ। ଏଥିରେ ଓଡ଼ିଶାର ପ୍ରତିଭାଧର ବ୍ୟକ୍ତିତ୍ୱ ଜଷ୍ଟିସ୍ ପଶାୟତ ଯୋଗଦେଇଥିବାରୁ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇଛି। କେନ୍ଦ୍ର ସାହିତ୍ୟ ଅକାଦେମିର ଆଂଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଜଷ୍ଟିସ୍ ପଶାୟତ ମଣିଷ ଜୀବନରେ ବହିର ଭୂମିକା ଓ ପ୍ରାସଙ୍ଗିକତା ସଂପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଅନ୍ୟତମ ସଦସ୍ୟ କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଦେଇଥିଲେ। ପ୍ରଫେସର ବିଜୟ କୁମାର ଶତପଥୀ, ଡ. (ଇଂ) ପ୍ରଭାକର ସ୍ୱାଇଁ, ଡ. ପ୍ରଦୀପ୍ତ କୁମାର ପଣ୍ଡା, ପ୍ରଫେସର ନରେନ୍ଦ୍ର ପ୍ରସାଦ ଦାସ, ଅମରେଶ ପଟ୍ଟନାୟକ, ଡ. ହୁସେନ୍ ରବିଗାନ୍ଧୀ, ଡ. ବାବାଜୀ ଚରଣ ପଟ୍ଟନାୟକ, ପ୍ରକାଶକ ନୃସିଂହ ପ୍ରସାଦ ମିଶ୍ର, ଆଡ୍‌ଭୋକେଟ ଗିରିଜାନନ୍ଦ ନାୟକଙ୍କ ସମେତ ବହୁ ସାହିତ୍ୟିକ ଓ ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ଯୋଗଦେଇଥିଲେ।

## ସାହିତ୍ୟ ଅକାଦେମି ପକ୍ଷରୁ 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମ

# 'ଜ୍ଞାନ ଓ ସକାରାତ୍ମକ ଚିନ୍ତାର ଉତ୍ସ ହେଉଛି ବହି'


କଟକ,୧୧/୧୦(ଇମିସ): ଜ୍ଞାନ ଓ ସକାରାତ୍ମକ ଚିନ୍ତାଧାରାର ଉତ୍ସ ହେଉଛି ବହି। ଏହା ସମାଜରେ ମୂଲ୍ୟବୋଧ ସୃଷ୍ଟି କରିଥାଏ। ମଣିଷକୁ ପ୍ରଭାବିତ କରିଥାଏ। ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନର ସଫଳତା ପଛରେ ବହିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ଯେତେ ସମ୍ଭବ ଅଧିକରୁ ଅଧିକ ଉପାଦେୟ ପୁସ୍ତକ ପଢ଼ିବା ପାଇଁ ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ତଥା ଏସ୍ଆଇଟିର ଉପାଧ୍ୟକ୍ଷ ଡକ୍ଟର ଜଷ୍ଟିସ ଅରିଜିତ୍ ପଶାୟତ ଆହ୍ୱାନ ଦେଇଛନ୍ତି।




ଜଷ୍ଟିସ୍ ପଶାୟତ କେନ୍ଦ୍ର ସାହିତ୍ୟ ଅକାଦେମି ଆନୁକୂଲ୍ୟରେ ଶତାବ୍ଦୀ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ବ୍ୟକ୍ତି ଓ ବହି'ରେ ମୁଖ୍ୟବକ୍ତା ଭବେ ଯୋଗଦେଇଥିଲେ। ସେ କହିଥିଲେ,' ବିଦ୍ୟାଳୟରୁ ଆରମ୍ଭ କରି ସୁପ୍ରିମ୍ କୋର୍ଟ ପର୍ଯ୍ୟନ୍ତ ଅନେକ ପୁସ୍ତକ ଦ୍ୱାରା ବ୍ୟକ୍ତିଗତ ଭାବେ ପ୍ରଭାବିତ ହୋଇଛି। ଏପରିକି କୋର୍ଟରେ ରାୟ ଲେଖିବା ସମୟରେ ଅନେକ ପୁସ୍ତକ ଦ୍ୱାରା ପ୍ରଭାବିତ ହୋଇଛି ଏବଂ ସେଥିରୁ ପାଇଥିବା ଜ୍ଞାନକୁ ଉପଯୋଗ କରିଛି। ବହି ପଢୁଥିବା ଜଣେ ପାଠକ ନିଜ ମୃତ୍ୟୁ ପୂର୍ବରୁ ହଜାର ଜୀବନ ବଞ୍ଚିଥାଏ, ହେଲେ ବହି ପଢୁନଥିବା ବ୍ୟକ୍ତି ଜଣଙ୍କ ଗୋଟିଏ ମାତ୍ର ଜୀବନ ବଞ୍ଚିଥାଏ।' ଇଂରାଜୀ ସାହିତ୍ୟରେ ଜୁଲିୟସ୍ ସିଜର, ସେକ୍ସପିୟର, ଓଡ଼ିଆ ସାହିତ୍ୟରେ ଆଦିକବି ସାରଳା ଦାସଙ୍କ ମହାଭାରତ, ଫତୁରାନନ୍ଦ ଓ ଉପେନ୍ଦ୍ର ଭଞ୍ଜଙ୍କ ପୁସ୍ତକ ତାଙ୍କୁ ବିଶେଷ ଆନ୍ଦୋଳିତ କରିଥିବା ସେ ପ୍ରକାଶ କରିଥିଲେ। ହେଲେ, ଜୁଲିୟସ୍ ସିଜର ଓ ସେକ୍ସପିୟରଙ୍କ ଭଳି ଓଡ଼ିଆ ସ୍ରଷ୍ଟା ଫତୁରାନନ୍ଦ ଓ ଉପେନ୍ଦ୍ର ଭଞ୍ଜ ବିଶ୍ୱସ୍ତରୀୟରେ ଲୋକପ୍ରିୟ ହେବାର କ୍ଷମତା ଥାଇ ବି ହେଇ ପାରିନଥିବାରୁ ଜଷ୍ଟିସ୍ ପଶାୟତ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରଶ୍ନର ଜଷ୍ଟିସ ପଶାୟତ ଉତ୍ତର ଦେଇ ନିଜ ସ୍କୁଲ ଜୀବନ, ତାଙ୍କୁ ଗଢ଼ିଥିବା ଧନେଶ୍ୱର ମହାପାତ୍ର ସାର, ନିଜ ବାପା ସଂଗ୍ରାମୀ ବିଶ୍ୱନାଥ ପଶାୟତ, ବୃତ୍ତିଗତ ଜୀବନରେ ତାଙ୍କୁ ପ୍ରେରଣା ଦେଉଥିବା ପତ୍ନୀ ସୁବଳା ପଶାୟତଙ୍କ ଭୂମିକା ଅବତାରଣା କରିଥିଲେ।

କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆକାଦେମିର ଆଞ୍ଚଳିକ ଅଧିକାରୀ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଡକ୍ଟର ଜଷ୍ଟିସ୍ ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ର ସାହିତ୍ୟ ଅକାଦେମି ଓଡ଼ିଶା ଉପଦେଷ୍ଟା ମଣ୍ଡଳୀ ସଭ୍ୟ ସାହିତ୍ୟିକ ଡକ୍ଟର କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଦେଇଥିଲେ। ସମାରୋହରେ ଅକାଦେମିର ସଦସ୍ୟ ଡକ୍ଟର ବିଜୟ କୁମାର ଶତପଥୀ, କବି ଅମରେଶ ପଟ୍ଟନାୟକ, ପ୍ରଦୀପ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# 'ବ୍ୟକ୍ତିତ୍ୱର ବିକାଶ କରିଥାଏ ବହି'




କଟକ,୧୧।୧୦/ଏନ୍‌ଏନ୍‌ଏସ୍: ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ବହି ବହୁଳ ପ୍ରଭାବ ପକାଇଥାଏ। ବହି ମଣିଷର ବ୍ୟକ୍ତିତ୍ୱକୁ ବିକଶିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଜୀବନର ବିଭିନ୍ନ ସମୟରେ ଜଣେ ବ୍ୟକ୍ତି ବହି ସଂସ୍ପର୍ଶରେ ଆସୁଥିଲେ ହେଁ କେତେକ ବହିର ପ୍ରଭାବରେ ସେ ସାଧାରଣରୁ ଅସାଧାରଣ ମଣିଷରେ ପରିଣତ ହୋଇଯାଏ ବୋଲି ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଡ. ଅରିଜିତ୍ ପଶାୟତ କହିଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶତାବ୍ଦୀ ଭବନରେ 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଅରିଜିତ ପଶାୟତ କହିଲେ ଯେ ସେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ତାହା କେବଳ ବହିଯୋଗୁ ହିଁ ସମ୍ଭବ ହୋଇଛି। ସେ କହିଲେ ଯେ, ବହିର ମୌଳିକ ଭାବ ଓ ସକରାତ୍ମକ ଦିଗଗୁଡ଼ିକୁ ପାଠକ ବୁଝିପାରିଲେ ତାହା ଉର୍ଦ୍ଧ୍ୱାୟିତ ହେବାରେ ସହାୟକ ହୋଇଥାଏ। ଅବହିରୁ ତାଙ୍କ ଜୀବନ ଆରମ୍ଭ ହୋଇ ବହି ମାଧମରେ ହିଁ ବିକଶିତ ହୋଇଛି।

କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରି ବ୍ୟକ୍ତି ଓ ବହି କାର୍ଯ୍ୟକ୍ରମ ସାହିତ୍ୟ ଏକାଡେମୀର ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡ.ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ।

ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଜଷ୍ଟିସ୍ ପଶାୟତ ମଣିଷ ଜୀବନରେ ବହିର ଭୂମିକା ଓ ପ୍ରାସଙ୍ଗିକତା ସମ୍ପର୍କରେ ଅଲୋଚନା କରିଥିଲେ। ଶେଷରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଅନ୍ୟତମ ସଦସ୍ୟ କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଦେଇଥିଲେ।